*ORIYA - "Peace"*

# ଶାନ୍ତି



"ହଁ ତୁ ଯଦି ଆଜି ଶାନ୍ତିର ବିଷୟ ଗୁଡିକ ଜାଣିଥାଆନ୍ତୁ !" (ଲୂକ ୧୯ : ୪୨)

ଯେତେବେଳେ ଆମେ ଚତୁର୍ଦ୍ଦିଗକୁ ଲକ୍ଷ୍ୟ କରୁ ଏବଂ ଆଜିର ପୃଥିବୀରେ ଯାହା ସବୁ ଘଟି ଯାଉଛି, ତାହା ଦେଖୁଁ, ସେତେବେଳେ ଆମେ ସ୍ପଷ୍ଟ ଭାବରେ ଜାଣିପାରୁ ଯେ, ପୃଥିବୀରେ ଶାନ୍ତି ନାହିଁ । ସବୁଆଡ଼େ ଯୁଦ୍ଧ, ହତ୍ୟା ଓ ଯୁଦ୍ଧର ଜନରବ ଆପଣ ଶୁଣିବାକୁ ପାଆନ୍ତି । ଯେ କୌଣସି ଖବର କାଗଜ ଖୋଲନ୍ତୁ ନା କାହିଁକି, ଆପଣ ଦେଖିବେ ପାପ, ଘୃଣା ଓ ପରଶ୍ରୀକାତରତା ହେତୁ ଲୋକମାନଙ୍କ ପରସ୍ପର ମଧ୍ୟରେ ଭୟଙ୍କର ବିଷୟ ସବୁ ଘଟୁଛି । ଜଗତରେ ମହାପୁରୁଷମାନେ ବର୍ଷ ବର୍ଷ ଧରି ପୃଥିବୀରେ ଶାନ୍ତି ଆଣିବାରେ ଚେଷ୍ଟା କରି ଆସୁଛନ୍ତି, ମାତ୍ର କେହିହେଲେ ଆଜିଯାଏ ସଫଳ ହୋଇ ପାରି ନାହାନ୍ତି । ଏହିପରି ଅବସ୍ଥା

କେବଳ ଜଗତରେ ନୁହେଁ, ଦୁଃଖର ବିଷୟ ଯେ ଅନେକ ଗୃହରେ ମଧ୍ୟ ଆଜି ଶାନ୍ତି ନାହିଁ । ସବୁଠାରୁ ଦୁଃଖର ବିଷୟ ହେଲା, ଆଜି ଜଗତର ଅନେକ ଲୋକଙ୍କର ପ୍ରାଣରେ ଶାନ୍ତି ନାହିଁ ଏବଂ ଏହାହିଁ ସବୁ ସମସ୍ୟାର ମୂଳ ବିଷୟ ।

## ଆଜି କାହିଁକି ଶାନ୍ତି ନାହିଁ ?

ପ୍ରଥମରେ ଈଶ୍ୱର ଜଗତକୁ ସୃଷ୍ଟି କରି ସେଠାରେ ଘାସ, ଫୁଲ, ବୃକ୍ଷ, ଜଳଚର ଓ ସ୍ଥଳଚର ପ୍ରାଣୀମାନଙ୍କୁ ରଖିଲେ । ଈଶ୍ୱର ଆଦମ ଓ ହବାକୁ ମଧ୍ୟ ସୃଷ୍ଟି କଲେ ଏବଂ ସମସ୍ତ ଜୀବ ଶାନ୍ତି ଓ ଆନନ୍ଦରେ ଏକତ୍ର ବାସ କରୁଥିଲେ । ମେଣ୍ଢା ସିଂହ ସହିତ ଗମନ କରୁଥିଲା ଓ ସିଂହ ତାହାର କ୍ଷତି କରୁ ନ ଥିଲା । ସର୍ବୋପରି, ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ଶାନ୍ତି ଥିଲା ଓ ସନ୍ଧ୍ୟାର ଶୀତଳ ବାତାବରଣ ମଧ୍ୟରେ ଈଶ୍ୱର ଆଦମ ଓ ହବାଙ୍କ ନିକଟକୁ ଆସି କଥାବାର୍ତ୍ତା କରୁଥିଲେ ଓ ସେମାନଙ୍କ ସହ ଗମନାଗମନ କରୁଥିଲେ । ନିର୍ଭୟରେ ସେମାନେ ଈଶ୍ୱରଙ୍କର ଆଗମନର ସମୟକୁ ଅପେକ୍ଷା କରି ରହୁଥିଲେ ।

ଏହାପରେ ଶାନ୍ତିର ବିପକ୍ଷ ଶୟତାନ, ସର୍ପ ମଧ୍ୟରେ ପ୍ରବେଶ କରି ଆଦମ ଓ ହବାକୁ ପାପ ପ୍ରତି ପ୍ରବର୍ତ୍ତାଇଲା । କାରଣ ଯେଉଁଠାରେ ପାପ ଥାଏ, ସେଠାରେ ଶାନ୍ତି ନ ଥାଏ । ମିଥ୍ୟାର ପିତା ଶୟତାନ ସେମାନଙ୍କୁ କହିଲା ଯେ ଈଶ୍ୱର ଯେଉଁ ଫଳ ଖାଇବାକୁ ନିଷେଧ କରିଛନ୍ତି, ତାହା ଖାଇ ଈଶ୍ୱରଙ୍କର ଅବାଧ୍ୟ ହେଲେ ସୁଦ୍ଧା ସେମାନେ ମରିବେ ନାହିଁ । ଆଜିକାଲି ଯେପରି ଲୋକମାନେ ଶୟତାନର କଥାରେ ମନଯୋଗ କରନ୍ତି, ସେହିପରି ଆଦମ ଓ ହବା ଶୟତାନର କଥାରେ ଭୁଲି ଯାଇ ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିଥିଲେ । ସେହି ସମୟଠାରୁ ସେମାନେ ଶାନ୍ତି ହରାଇ ବସିଲେ । ଗୋଟିଏ ପାପ ସକାଶେ, ଈଶ୍ୱର ସୃଷ୍ଟ ଶାନ୍ତି ଓ ସୌନ୍ଦର୍ଯ୍ୟ ହଜିଯାଇ ଆଦମ ଓ ହବାଙ୍କ ହୃଦୟ ମଧ୍ୟରେ ଭୟ ପ୍ରବେଶ କଲା ।

ପ୍ରତି ଦିନ ସନ୍ଧ୍ୟା ପରି ଯେତେବେଳେ ଈଶ୍ୱର ସେମାନଙ୍କ ସହ କଥାବାର୍ତ୍ତା କରିବାକୁ ଆସିଲେ, ସେମାନେ ନିଜକୁ ଲୁଚାଇଲେ ଏବଂ ଈଶ୍ୱରଙ୍କ ଉପସ୍ଥିତିକୁ ଭୟ କଲେ । "ଜଣେ ଲୋକ ଦ୍ୱାରା ପାପ ଓ ପାପ ଦ୍ୱାରା ମୃତ୍ୟୁ ପ୍ରବେଶ କଲା"। ଆଜି ଆମେ ଯେଉଁମାନେ ବଞ୍ଚିଛୁ, ପାପ କରି ଈଶ୍ୱରଙ୍କ ଉପସ୍ଥିତିରୁ ଦୂରେଇ ଯାଇଛୁ । (ରୋମୀ ୫:୧୨ , ୩ : ୨୩) । ସାଧାରଣତଃ ଗୋଟିଏ ପାପ ଆଉ ଏକ ପାପକୁ ଜନ୍ମ ଦିଏ ଏବଂ ଏହିପରି ଭାବରେ ଆଜି ସମଗ୍ର ପୃଥିବୀ ପାପରେ କ୍ଳିଷ୍ଟ । ଏହା ଯୋଗୁଁ ଆଜି ଜଗତରେ ଶାନ୍ତି ନାହିଁ ।

## ଈଶ୍ୱର ପୁନର୍ବାର ଜଗତରେ ଶାନ୍ତି ପୁନଃ ସ୍ଥାପନ କରିବାକୁ ଚାହିଁଲେ ।

ଈଶ୍ୱର ସ୍ୱର୍ଗରେ ଥାଇ ମନୁଷ୍ୟର ସମସ୍ତ ପାପ, ଘୃଣା, ଭୟ ଓ ଦୁର୍ଦ୍ଦଶାକୁ ଦେଖି ଆପଣାର ମହାନ୍ ପ୍ରେମରେ ତାଙ୍କର ପୁତ୍ରଙ୍କୁ ଏକ ଗୁହାଳ ଘରେ ଜନ୍ମ ଗ୍ରହଣ କରିବା ପାଇଁ

ପଠାଇଲେ । “ଅନ୍ଧକାର ଓ ମୃତ୍ୟୁଚ୍ଛାୟାରେ ବସିଥିବା ଲୋକଙ୍କୁ ଆଲୋକ ଦେବା ପାଇଁ, ପୁଣି ଆମ୍ଭମାନଙ୍କ ପାଦ ଶାନ୍ତିପଥକୁ ଆଣିବା ନିମନ୍ତେ,” ଯୀଶୁ ଖ୍ରୀଷ୍ଟ ଜଗତକୁ ପ୍ରେରିତ ହୋଇଥିଲେ (ଲୂକ ୧:୭୯) । ଏଫିସୀୟ ୨:୧୪ରେ ଲେଖା ଯାଏ “କାରଣ ସେ (ଯୀଶୁଖ୍ରୀଷ୍ଟ) ଆମ୍ଭମାନଙ୍କ ଶାନ୍ତି”। ଈଶ୍ୱର ଏହି ଜଗତକୁ ଶାନ୍ତିରାଜାଙ୍କୁ ପଠାଇଛନ୍ତି । ଯଦି ସେହି ସମୟର ଲୋକମାନେ ତାହାଙ୍କୁ ଶାନ୍ତିରାଜା ବୋଲି ଗ୍ରହଣ କରିଥାନ୍ତେ, ତେବେ ସେମାନେ ଶାନ୍ତିରେ ବସବାସ କରି ପାରିଥାନ୍ତେ ।

## ଏହି ଶାନ୍ତିକୁ ନେଇ ମନୁଷ୍ୟ କଣ କଲା ?

ଆଦମ ଓ ହବାଙ୍କ ପରେ, ତତ୍‌କାଳୀନ ଲୋକମାନେ ଈଶ୍ୱରଙ୍କ ଆଜ୍ଞାଲଙ୍ଘନ କରି ଶୟତାନର ଉପଦେଶକୁ ଅନୁସରଣ କଲେ । ପିଲାତ ଯେତେବେଳେ ଯୀଶୁ ଓ ବାରବ୍ବାଙ୍କୁ ସେମାନଙ୍କ ସମ୍ମୁଖରେ ରଖିଲେ, ସେମାନେ ଶାନ୍ତିରାଜାଙ୍କୁ ଅଗ୍ରାହ୍ୟ କରି ଚିତ୍କାର କରି କହିଲେ, “ଯୀଶୁଙ୍କୁ ନୁହେଁ, ବାରବ୍ବାକୁ ଆମେ ଚାହୁଁ” । ଅନ୍ୟ କଥାରେ କହିବାକୁ ଗଲେ, ସେମାନେ କହୁଥିଲେ “ଶାନ୍ତିରାଜାଙ୍କୁ ଆମେ ଚାହୁଁ ନା, ଆମେ ଚାହୁଁ ଘୃଣା, ଯୁଦ୍ଧ, ହତ୍ୟା ଓ ପାପ” । ବାଧ୍ୟ ବାଧକତାରେ ନୁହେଁ, ମାତ୍ର ମନୋନୟନ କରିବାର ସ୍ୱତନ୍ତ୍ରତା ସେମାନଙ୍କର ଥିଲା, କିନ୍ତୁ ସେମାନେ ବାରବ୍ବାକୁ ମନୋନୀତ କଲେ । ବର୍ତ୍ତମାନ ଯୁଗ ମଧ୍ୟ ଠିକ୍ ଏହିପରି । ଈଶ୍ୱର ଆମକୁ ମନୋନୟନ କରିବାର ଅଧିକାର ଦେଇଛନ୍ତି । ଆମେ ଯୀଶୁଙ୍କୁ ରାଜା ଓ ତ୍ରାଣକର୍ତ୍ତା ରୂପେ ଗ୍ରହଣ କଲେ ସେ ଆମ ଜୀବନରେ ଶାନ୍ତି ଦେବେ । ସେ କହନ୍ତି, “ମୁଁ ତୁମ୍ଭମାନଙ୍କୁ ଶାନ୍ତି ଦାନ କରି ଯାଉଅଛି, ମୋହର ନିଜର ଶାନ୍ତି ତୁମ୍ଭମାନଙ୍କୁ ଦାନ କରୁଅଛି; ଜଗତ ଯେପରି ଦାନ କରେ, ମୁଁ ତୁମ୍ଭମାନଙ୍କୁ ସେପରି ଦାନ କରୁ ନାହିଁ । ତୁମ୍ଭମାନଙ୍କ ହୃଦୟ ଉଦବିଗ୍ନ କି ଭୟଗ୍ରସ୍ତ ନ ହେଉ” । (ଯୋହନ ୧୪:୨୭) ଆମ ଜୀବନରେ ଥିବା ପାପ, ଈଶ୍ୱରଙ୍କଠାରୁ ଆମକୁ ଦୂରକୁ ନେଇ ଯାଇଛି ଓ ଏହିପରି ପାପମୟ ଅବସ୍ଥାରେ ଆମ ଅନ୍ତରରେ ଶାନ୍ତି ନାହିଁ । ମାତ୍ର ଆମକୁ ଈଶ୍ୱରଙ୍କ ସାନ୍ନିଧ୍ୟକୁ ଫେରାଇ ନେବା ପାଇଁ, ଆମକୁ ଈଶ୍ୱରଙ୍କ ସନ୍ତାନ କରିବା ପାଇଁ ଓ ଶାନ୍ତି ଦେବା ପାଇଁ ଯୀଶୁ ସର୍ବଦା ହାତ ବଢ଼ାଇ ଅପେକ୍ଷା କରିଛନ୍ତି ।

ରୋମୀ ୫:୧ରେ ଆମେ ପଢ଼ୁଁ “ଅତଏବ ବିଶ୍ୱାସ ଦ୍ୱାରା ଧାର୍ମିକ ଗଣିତ ହେବାରୁ ଆମ୍ଭେମାନେ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସହିତ ଶାନ୍ତିରେ ଅଛୁଁ ।” ଆଜି ଜଗତରେ ଏପରି କୌଣସି ବିଷୟ ନାହିଁ, ଯାହା ଆମକୁ ଶାନ୍ତି ଦେଇ ପାରେ । ଟଙ୍କା ପଇସା, ଧନ, ମାନ, ମଦ, ଆମକୁ ଶାନ୍ତି ଦେଇ ପାରେ ନାହିଁ । କେବଳ ଗୋଟିଏ ପଥ ଅଛି, ଆତ୍ମାରେ ଶାନ୍ତି ଲାଭ କରିବା ପାଇଁ, ତାହା ହେଉଛି, ଯୀଶୁ ଖ୍ରୀଷ୍ଟଙ୍କ ନିକଟକୁ ଆସି ନିଜର ପାପ ସ୍ୱୀକାର କରିବା ଓ ପାପକୁ ପରିତ୍ୟାଗ କରିବା । “ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କ ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି” (୧ ଯୋହନ ୧ : ୯) । “ସମସ୍ତ ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି, ତାହା ତୁମ୍ଭ ମାନଙ୍କ ହୃଦୟ ଓ ମନକୁ

ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ସୁରକ୍ଷା କରି ରଖିବ" (ଫିଲିପ୍ପୀୟ ୪ : ୭) । ମନୁଷ୍ୟ ଏହା ବର୍ଣ୍ଣନା କରି ପାରେ ନାହିଁ ମାତ୍ର ସ୍ୱେଚ୍ଛାରେ, ପାପକର୍ମ ଓ ପାପୀ ବନ୍ଧୁମାନଙ୍କ ଠାରୁ ଯୀଶୁ ଖ୍ରୀଷ୍ଟଙ୍କ ନିକଟକୁ ଫେରିବା ଦ୍ୱାରା ଓ କେବଳ ତାଙ୍କର ସେବା କରିବା ଦ୍ୱାରା ଏହାକୁ ଆମ ଜୀବନରେ ଆମେ ଅନୁଭବ କରି ପାରୁଁ ।

ଯଦି ଶାନ୍ତି ରାଜାଙ୍କୁ ନିଜ ଜୀବନରେ ଗ୍ରହଣ ନ କରି, ପାପମୟ ଅବସ୍ଥାରେ ଆମର ମୃତ୍ୟୁ ହୁଏ, ତେବେ ଆମ ପାଇଁ କେବଳ ଗୋଟିଏ ସ୍ଥାନ ଅଛି, ତାହା ହେଲା, ଅନନ୍ତ ଅଗ୍ନିମୟ ନରକ । ଆପଣ ମଧ୍ୟ ଚାହିଁବେ ନାହିଁ, ପାପମୟ ଅବସ୍ଥାରେ ମୃତ୍ୟୁଭୋଗ କରିବାକୁ କାରଣ ତାହା ହେଲେ ଆପଣଙ୍କ ଜୀବନ ଚିର ଦିନ ପାଇଁ ନଷ୍ଟ ହୋଇ ଯିବ ଏବଂ ଈଶ୍ୱରଙ୍କ ବାକ୍ୟ କହେ, "ଏପରି ଲୋକମାନଙ୍କ ଯନ୍ତ୍ରଣାର ଧୂମ ଯୁଗେ ଯୁଗେ ଉଠୁଥିବ ।" ଆମେ ସମସ୍ତେ ପାପ କରି ଅନନ୍ତ ନର୍କ ଆଡ଼େ ଗତି କରୁଛୁ । 'ଜଣେ ହେଲେ ଧାର୍ମିକ ନାହିଁ' (ରୋମୀୟ ୩ : ୧୦) ଯଦି ଆପଣ ସ୍ୱର୍ଗକୁ ଯିବାକୁ ଚାହୁଁଥାନ୍ତି, ତେବେ ଗୋଟିଏ ଉପାୟ ଅଛି, ଆଉ ତାହା ଆପଣ ଈଶ୍ୱରଙ୍କ ସହିତ ଶାନ୍ତି ସ୍ଥାପନ କରନ୍ତୁ ଏବଂ ଈଶ୍ୱରଙ୍କ ଶାନ୍ତିକୁ ହୃଦୟରେ ଗ୍ରହଣ କରନ୍ତୁ ।

ପ୍ରିୟ ବନ୍ଧୁଗଣ ! ଆପଣ କଣ ପ୍ରଭୁଙ୍କୁ ଅବଜ୍ଞା କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ,ଅବା ଆପଣ, ଆପଣଙ୍କ ହୃଦୟ ମଧ୍ୟରେ ତାଙ୍କୁ ସ୍ଥାନ ଦେବା ପାଇଁ ପ୍ରସ୍ତୁତ ? ଆପଣଙ୍କ ହୃଦୟରେ ଈଶ୍ୱରଙ୍କ ଶାନ୍ତି ବାସ କରିବ, ଯଦି ଆପଣ ଆଣ୍ଠୋଇ ପଡ଼ି ନିଜର ପାପ ତାଙ୍କ ନିକଟରେ ସ୍ୱୀକାର କରିବେ ଏବଂ ଆପଣଙ୍କୁ ପରିଷ୍କାର କରି ତାଙ୍କର ନିଜର କରିବାକୁ ତାଙ୍କଠାରେ ପ୍ରାର୍ଥନା କରିବେ ଆପଣ ନିଜକୁ ଯେତେ ଉତ୍ତମ ବୋଲି ଭାବୁଥାନ୍ତୁ ନା କାହିଁକି, ଆପଣଙ୍କର ମୁକ୍ତିର ପ୍ରୟୋଜନ ଅଛି । ଆପଣ ନିଜକୁ ଯେତେ ଅଧର୍ମୀ ବୋଲି ଭାବୁଥାନ୍ତୁ ନା କାହିଁକି, ପ୍ରଭୁ ଆପଣଙ୍କୁ ଗ୍ରହଣ କରିବାକୁ ଇଚ୍ଛୁକ ଓ ସେ କାହାକୁ ଫେରାଇ ଦିଅନ୍ତି ନାହିଁ । ଯଦି ଆପଣ ଆଜିଯାଏ ଈଶ୍ୱରଙ୍କ ଶାନ୍ତି ନିଜ ହୃଦୟରେ ଅନୁଭବ କରି ନାହାନ୍ତି, ତେବେ ବର୍ତ୍ତମାନ ତାହା ଗ୍ରହଣ କରନ୍ତୁ ଏବଂ ଅକଥନୀୟ ଗୌରବଯୁକ୍ତ ଆନନ୍ଦ ଅନୁଭବ କରନ୍ତୁ (୧ ପିତର ୧ : ୮) ।

ଆପଣ ଯଦି ଖ୍ରୀଷ୍ଟଙ୍କଠାରେ ପରିତ୍ରାଣ ପାଇଛନ୍ତି କିମ୍ବା ଆମର ସୁସମାଚାର ପତ୍ରିକା ମାଧ୍ୟମରେ ଆଶୀର୍ବାଦ ଲାଭ କରିଛନ୍ତି, ତେବେ ଆମକୁ ଲେଖି ଜଣାନ୍ତୁ । ଆମେ ଆପଣଙ୍କ ସହ ଈଶ୍ୱରଙ୍କୁ ଧନ୍ୟବାଦ ଦେବୁ ଏବଂ ଆପଣଙ୍କୁ ଆମ୍ଭମାନଙ୍କ ପ୍ରାର୍ଥନାରେ ସ୍ମରଣ କରିବୁ ।

ସୁସମାଚାର ପୁସ୍ତିକା ଓ ୨୫୦ ରୁ ଊର୍ଦ୍ଧ୍ୱ ଭାଷାରେ ଲିଖିତ ସୁସମାଚାର ପତ୍ରିକା ବିନା ମୂଲ୍ୟରେ ପାଇବା ନିମନ୍ତେ ଆମକୁ ଲେଖନ୍ତୁ ।

---

For **free** Gospel literature, books and tracts in over 540 languages, write to: **E-MAIL: info@angp.co.za**

**ALL NATIONS GOSPEL PUBLISHERS**

**P.O. Box 2191, PRETORIA, 0001, R.S.A.**

(A Gospel Literature Mission financed by donations)

(Reg. No. 1961/001798/08)